# ପିଲାଙ୍କ ଧରିତ୍ରୀ

ଶନିବାର, ୨ ମାର୍ଚ୍ଚ, ୨୦୨୪




# ଭିକ୍ଷୁକ ବ୍ରାହ୍ମଣ ଓ ଡକାୟତ



ଜଣେ ଭିକ୍ଷୁକ ବ୍ରାହ୍ମଣ ଭିକ୍ଷା ବୃତ୍ତି କରି ଯାହା ପାଆନ୍ତି ସେଥିରେ ଖୁସି ମନରେ ଚଳନ୍ତି। ସେ ପ୍ରତିଦିନ ଗୋଟିଏ ନିଛାଟିଆ ବାଟଦେଇ ଭିକ୍ଷା କରି ଯାଆନ୍ତି। ଅଳ୍ପଦିନ ହେବ ଗୋଟିଏ ଡକାୟତ ସେହି ନିଛାଟିଆ ରାସ୍ତାରେ ତା'ର ଡକାୟତି କାମ କରୁଥାଏ। ଭିକ୍ଷୁକ ବ୍ରାହ୍ମଣଙ୍କୁ ଦିନେ ଏକୁଟିଆ ଦେଖି ସେ ଭୟଭୀତ କରାଇଲା। କହିଲା–'ତୁମେ ମୋତେ ପ୍ରତିଦିନ ଯଦି ମାଗିଆଣିଥିବା ଭିକ୍ଷାରୁ ଅଧା ନ ଦିଅ, ତେବେ ମୁଁ ତୁମକୁ ହତ୍ୟା କରିବି'। ଭୟଭୀତ ନ ହୋଇ ବ୍ରାହ୍ମଣ ଜଣକ ଅଳ୍ପ ହସି ଉଦାରତାର ସହ ସେ ଡକାୟତର କଥାରେ ରାଜି ହେଲେ।

ସବୁଦିନ ବ୍ରାହ୍ମଣ ଜଣକ ତାଙ୍କର ମାଗି ଆଣିଥିବା ଭିକ୍ଷାରଅର୍ଦ୍ଧେକସେଡକାୟତକୁଖୁସିମନରେଦେଇଦିଅନ୍ତି ଏବଂ ଅବଶିଷ୍ଟ ଅଧା ଭିକ୍ଷା ଧରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି। କିନ୍ତୁ ବ୍ରାହ୍ମଣ ଜଣକ ସବୁଥର ଡକାୟତ ସହ ମଧୁର ଭାବରେ ସୁଖ ଦୁଃଖ ପଦିଏ ଦି'ପଦ କଥା ହୁଅନ୍ତି।

ଦିନେ ଅସୁସ୍ଥତା ହେତୁ ବ୍ରାହ୍ମଣ ଅନ୍ୟ ଦିନଠାରୁ ବହୁତ କମ୍ ଭିକ ପାଇଥାଆନ୍ତି। ତାହା ଆଣି ଦୁଇ ଭାଗ କରି ସେଥିରୁ ଗୋଟିଏ ଭାଗ ଡକାୟତକୁ ଦେଲେ। ଅତିକମ୍ ଭାଗ ପାଇ ଡକାୟତ ଜଣକ ଏହାର କାରଣ ପଚାରିବାରୁ ବ୍ରାହ୍ମଣ ଜଣକ ସବୁ ସତ କଥା ବ୍ୟକ୍ତ କରିଦେଲେ। ତଥାପି ବ୍ରାହ୍ମଣଙ୍କର ମୁହଁରେ ଆଦୌ ବିଚଳିତ ତଥା ଦୁଃଖିତ ଭାବ ପ୍ରକାଶ ପାଉ ନ ଥାଏ। ଏଥର ଡକାୟତର ମନ ତରଳି ଗଲା। ଉଦାରମନା ଭିକ୍ଷୁକ ବ୍ରାହ୍ମଣଙ୍କୁ ସେ ସବୁ ଫେରାଇ ଦେବା ସହ ଆଗକୁ ଆଉ ସେ ଭାଗ ନେବ ନାହିଁ ବୋଲି କହିଲା। ଡକାୟତର ହଠାତ୍ ଏଭଳି ପରିବର୍ତ୍ତନ ଦେଖି ବ୍ରାହ୍ମଣ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ।

ସେ ପଚାରିବା ଆଗରୁ ଡକାୟତ ଜଣକ କହିଲା– ହେ ମହାଶୟ, ମୁଁ ଜଣେ ଚୋର ଡକାୟତ ପରିବାରର। ଛୋଟବେଳୁ ଏହା ଦେଖି ନିଜେ ମଧ୍ୟ ଡକାୟତ ହୋଇଗଲି। ରାଜାଙ୍କ ଦ୍ୱାରା ବନ୍ଧା ହୋଇ ଶାସ୍ତି ପାଇବି ବୋଲି ମୋର ମନରେ ସବୁବେଳେ ଭୟ। ମନରେ ଶାନ୍ତି ନାହିଁ। ଏଯାଏ ମୁଁ ଅବିବାହିତ। କେବଳ ନିଜ କଥା ଚିନ୍ତା କରୁଛି। କିନ୍ତୁ ଆପଣଙ୍କୁ ଦେଖିଆସୁଛି ଆପଣ ଜଣେ ବହୁତ ଭଲ ମଣିଷ। ଏପରିକି ଆଜି କମ୍ ଭିକ ପାଇ ଆପଣ ମୋତେ ଭାଗ ଦେଲେ। କିଛି ଦିନ ହେବ ଆପଣଙ୍କ ସହ ମିଶିବା ପରେ ଆପଣଙ୍କର ଭଲ ଗୁଣ ସବୁ ମୋତେ ପ୍ରଭାବିତ କରିଛି। ଭିକ୍ଷୁକ ବ୍ରାହ୍ମଣ ଏହା ଶୁଣି ଅଳ୍ପ ହସି ମନରେ ଭାବିଲେ ଯେ ଡକାୟତ ଜଣକ ତାଙ୍କ ପ୍ରଭାବରେ ଆସି ଖଳ ପ୍ରକୃତି ତ୍ୟାଗ କରିଛନ୍ତି। ତା'ପରେ ଖୁସି ହୋଇ ସେ କହିଲେ– ତୁମକୁ ମୋର ଗୋଟିଏ ଅନୁରୋଧ। ମାନିବ ଯଦି କହିବି। ଡକାୟତ – କୁହନ୍ତୁ। ବ୍ରାହ୍ମଣ– ତୁମେ ଏ ଚୋରି, ଡକାୟତି ଧନ୍ଦା ଛାଡ଼ି ଦିଅ ଏବଂ ପରିଶ୍ରମ କରି ଅର୍ଥ ରୋଜଗାର କରି ବଞ୍ଚ।

ଡକାୟତ କହିଲା କ'ଣ କରିବି। କେହି ମୋତେ

ଗପ

ବିଶ୍ୱାସ କରିବେ ନାହିଁ। ବ୍ରାହ୍ମଣ କହିଲେ ତା'ହେଲେ ତମେ ଏକ ଅଚିହ୍ନା ସହରକୁ ଚାଲିଯାଅ, ଯେଉଁଠି କେହି ତୁମକୁ ଡକାୟତ, ଚୋର ବୋଲି ଜାଣି ନ ଥିବେ। ତୁମର ଏହି ହୃଷ୍ଟପୁଷ୍ଟ ହାତ ଗୋଡକୁ ଭଲ କାମରେ ବ୍ୟବହାର କରିବ। ପରିଶ୍ରମ କରି ଦୁଇ ପଇସା ଉପାର୍ଜନ କରିବ। ବ୍ରାହ୍ମଣଙ୍କ କଥାରେ ଡକାୟତ ଜଣକ ରାଜି ହୋଇଗଲା।

ଡକାୟତ ଜଣକ ଏକ ଅଜଣା ସହରକୁ ଯାଇ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କଲା ଏବଂ ସାଧୁ ଉପାୟରେ ଜୀବନଯାପନ କଲା। ବିବାହ କରି ସେ ସୁଖରେ ବଞ୍ଚିଲା। କିଛି ବର୍ଷ ପରେ ସେ ବ୍ରାହ୍ମଣଙ୍କ ପାଖକୁ ତା'ର ସପରିବାର ସାକ୍ଷାତ କରିବାକୁ ଆସିଲା। ବ୍ରାହ୍ମଣ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଗଲେ। ପ୍ରକୃତରେ ଖଳ ପ୍ରକୃତିର ଲୋକ ମଧ୍ୟ ଉଦାର, ଶାନ୍ତ ସ୍ୱଭାବର ଲୋକଙ୍କ ସଂସ୍ପର୍ଶରେ ଆସିଲେ ତା'ର ମନ୍ଦ ସ୍ୱଭାବରେ ପରିବର୍ତ୍ତନ ହୋଇ ଏକ ଭଲ ମଣିଷ ହୋଇପାରନ୍ତି।

**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

## ଖିଲି ଖିଲି ହସ

ଦୋକାନୀ: ଭଉଣୀ ଆପଣ ପ୍ରାୟ ଆସୁଛନ୍ତି ଗହଣା ଦେଖୁଛନ୍ତି ହେଲେ କିଛି ନେଉନାହାନ୍ତି ?
କଷ୍ଟମର: ମୁଁ ପ୍ରତିଥର କିଛି ନା କିଛି ନିଏ ହେଲେ ତୁମେ ଧ୍ୟାନ ଦେଇନ !

ଶିକ୍ଷକ କ୍ଲାସ୍‌ରେ ପିଲାଙ୍କୁ ପଚାରିଲେ – ସଞ୍ଜୁ କହିଲୁ ତାଜମହଲ କିଏ ନିର୍ମାଣ କରିଥିଲେ ?
ଛାତ୍ର: ସାର୍, ତାଜମହଲକୁ ଠିକାଦାର ନିର୍ମାଣ କରିଥିଲେ।

ରାଜୁ: ଆରେ ଅଜୁ, ତୁ ମିରର୍ ସାମ୍ନାରେ ବସି କାହିଁକି ପଢୁଛୁ ?
ଅଜୁ: ଏହାର ତିନୋଟି ଫାଇଦା ରହିଛି
ପ୍ରଥମ: ନିଜ ଉପରେ ନଜର ରହିଥାଏ
ଦ୍ୱିତୀୟ: ଏହା ସହିତ ରିଭିଜନ ହୋଇଯାଏ
ତୃତୀୟ: ପଢ଼ିବା ଲାଗି ନିଜକୁ ଗୋଟେ କମ୍ପାନୀ ମିଳିଯାଉଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ମତାମତ

▸▸ ଗଳ୍ପରେ ପ୍ରକାଶିତ 'ଗଜରାଜର ଗର୍ବ ଭାଙ୍ଗିଲା' ଗଳ୍ପଟି ଶିକ୍ଷଣୀୟ ହୋଇଛି। କେବେ କାହାର ଗର୍ବ ରହିନି, ଗର୍ବ ମଣିଷକୁ ତା' କଲା କର୍ମର ଶାସ୍ତି ନିହାତି ରୂପରେ ଦେଇଥାଏ। ଏଥିପାଇଁ ଗର୍ବ ନ କରିବା ଭଲ।
–ମିତାଲି ମହାନ୍ତି, ଚଣ୍ଡିଖୋଲ

▸▸ 'ଅଲରାଉଣ୍ଡର ରିଶିତା'ରୁ ତାଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଜାଣିବାକୁ ମିଳିଲା।
–ପୀତାମ୍ବର ସାହୁ, ନୟାଗଡ଼

▸▸ ଆଇନାରେ ପ୍ରକାଶିତ ଫଟୋଗୁଡ଼ିକ ଆକର୍ଷଣୀୟ ହେଉଛି।
–ଆଲେଖିକା ରାଉତ, କଟକ


## ରଙ୍ଗ ଦିଅ



# ରାଇତା ହିଲ୍ସ

କୌଣସି ଖାଦ୍ୟର ନାମରେ ବି ଏକ ସ୍ଥାନର ନାଁ ଦିଆଯାଇପାରେ। ଏଭଳି କଥା ହୁଏତ କ୍ୱଚିତ୍ କେହି ଶୁଣିଥିବେ। ମାତ୍ର ଏମିତି ଏକ ସ୍ଥାନ ରହିଛି ରାଜସ୍ଥାନର ଉଦୟପୁରରେ। ଏଠାରେ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହାର ନାଁ ହେଉଛି ରାଇତା ହିଲ୍ସ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନର ଅନେକ ବିଶେଷତ୍ୱ ରହିଛି। ଉଦୟପୁରର ଏକ ଛୋଟ ଗାଁ ନିକଟରେ ରହିଛି ଏହି ପାହାଡ଼। ଗାଁରେ ୧୫୦ଟି ପରିବାର ରହନ୍ତି। ଲୋକସଂଖ୍ୟା ମାତ୍ର ୬୫୦ଜଣ। ଏଠାକାର ସୁନ୍ଦର ସବୁଜିମାଭରା ପ୍ରାକୃତିକ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଏଇ ପାହାଡ ଉପରୁ ଉଦୟପୁରର ଦୃଶ୍ୟ ଅତ୍ୟନ୍ତ ମନଲୋଭା। ପରିବାର ସହିତ ବୁଲିବା ପାଇଁ ଅନେକ ଆକର୍ଷଣୀୟ ସ୍ଥାନ ରହିଛି ଏହି ପାହାଡ଼ରେ। ତେବେ ଏଠାରେ ସୂର୍ଯ୍ୟାସ୍ତ ଦେଖିବାର ଅନୁଭବ ଅତ୍ୟନ୍ତ ମନୋରମ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ବାତାବରଣର ଏକ ଅପୂର୍ବ ସମନ୍ୱୟର ସ୍ଥାନ ହେଉଛି ଏହି ରାଇତା ହିଲ୍ସ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ପ୍ଲାଷ୍ଟିକ୍‌ର ବ୍ୟବହାର ଦିନକୁଦିନ ବଢ଼ି ଚାଲିଛି । ବର୍ଜ୍ୟବସ୍ତୁ ଭାବରେ ଏଗୁଡ଼ିକ ପରିବେଶକୁ ପ୍ରଦୂଷିତ ମଧ୍ୟ କରୁଛି । ତେଣୁ ଏହାର ବିକଳ୍ପ ବିଷୟରେ ଚିନ୍ତା କରିବା ନିହାତି ଆବଶ୍ୟକ...








# ପ୍ଲାଷ୍ଟିକ୍ ଓ ଏହାର ବିକଳ୍ପ

ମାନବ ସମାଜ ଆଜି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବଳରେ ଆଧୁନିକତାରୁ ଅତ୍ୟାଧୁନିକ ସ୍ତରରେ ପହଞ୍ଚି ଯାଇଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ପ୍ରଭାବରେ ମନୁଷ୍ୟ ଅନେକ ଯନ୍ତ୍ରପାତିର ଉଦ୍ଭାବନ କରିପାରିଛି, ତନ୍ମଧ୍ୟରୁ ପ୍ଲାଷ୍ଟିକ୍ ଅନ୍ୟତମ। ଗୃହ, କାର୍ଯ୍ୟାଳୟ, କଳକାରଖାନା, କୃଷି, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଚାଲିଛି। ସମୟ ଯେତେ ଆଗେଇଛି, ପ୍ଲାଷ୍ଟିକ୍‌ର ବ୍ୟବହାର ସେତେ ମାତ୍ରାଧିକ ହେବାରେ ଲାଗିଛି। ପୃଥିବୀରେ ଘଟୁଥିବା ପ୍ରଦୂଷଣ ମଧ୍ୟରୁ ପ୍ଲାଷ୍ଟିକ୍ ପ୍ରଦୂଷଣ ହେଉଛି ଆଧୁନିକ ମାନବ ସମାଜ ପାଇଁ ଏକ ବିରାଟ ସଙ୍କଟ। ବର୍ତ୍ତମାନ ସମୟ ଆସିଛି ପ୍ଲାଷ୍ଟିକର ବ୍ୟବହାରକୁ ଧୀରେ ଧୀରେ ହ୍ରାସ କରି ତା'ର ବିକଳ୍ପର ସନ୍ଧାନ ପାଇଁ।

ପ୍ଲାଷ୍ଟିକ୍ ଯେତିକି ସୌଖୀନ, ତା'ର ବ୍ୟବହାର ପରିବେଶ ପାଇଁ ତା'ଠାରୁ ଅଧିକ ଘାତକ। ତେଣୁ ପୃଥିବୀବାସୀଙ୍କ ପାଇଁ ଏହା ଏକ ସଙ୍କଟମୟ ପରିବେଶ ସୃଷ୍ଟି କରି ଚାଲିଛି। ଏଥିରୁ ମୁକ୍ତି ପାଇବା ପାଇଁ ତା'ର ବିକଳ୍ପ ହିଁ ଶ୍ରେଷ୍ଠ ସମାଧାନ।

ଭାରତର କେନ୍ଦ୍ରୀୟ ପରିବେଶ ପ୍ରଦୂଷଣ ବୋର୍ଡ(ସେଣ୍ଟ୍ରାଲ ପଲ୍ୟୁଶନ୍ କଣ୍ଟ୍ରୋଲ ବୋର୍ଡ)ଙ୍କ ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି ୨୦୧୮-୧୯ ବର୍ଷରେ ଭାରତୀୟମାନଙ୍କ ଦ୍ୱାରା ୩.୩ ନିୟୁତ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହୋଇଛି। ଆହୁରି ଏକ ଚେତାବନୀ ହେଉଛି ସମଗ୍ର ପୃଥିବୀରୁ ଯେତିକି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବାହାରୁଛି, ସେଥିରୁ ୭୯% ପରିବେଶରେ ପ୍ରବେଶ କରୁଛି। ୯% ପୁନଃ ଚକ୍ରଣ ହେଉଛି। ଏହା ଗଭୀର ଉଦ୍‌ବେଗର ବିଷୟ। ଏଥିପାଇଁ ଆମର ଶସ୍ୟଶ୍ୟାମଳ ସବୁଜ ତଥା ସୁନ୍ଦର ପୃଥିବୀକୁ ଘୋର ବିପର୍ଯ୍ୟୟରୁ ବଞ୍ଚାଇବା ପାଇଁ ପ୍ଲାଷ୍ଟିକ୍‌ର ବିକଳ୍ପ ଏକାନ୍ତ ଅନିବାର୍ଯ୍ୟ।

ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ(ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ) ବେଙ୍ଗାଲୁରୁର ଏକ ଗବେଷଣାରୁ ଜଣାଯାଇଛି ଜଡ଼ାତେଲରୁ ଏକ ପଲିମର ପ୍ରସ୍ତୁତ କରି ତା' ସହିତ ସେଲୁଲୋଜ୍ ଓ ହାଇଆଇସୋସିଆନେଟ୍ ସହ ପ୍ରତିକ୍ରିୟା କରାଇ ବ୍ୟାଗ୍ ଓ ସୁନ୍ଦର ପାତ୍ର ନିର୍ମାଣ କରାଯାଇପାରିବ, ଯାହାକି ଜୈବ ଅବକ୍ଷୟ ପାଇଁ ଅନୁକୂଳ।

ଆମେ ପ୍ଲାଷ୍ଟିକ୍ ବ୍ୟାଗ ବଦଳରେ ଝୋଟ ବ୍ୟାଗ୍, କନା ବ୍ୟାଗର ବହୁଳ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ । ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବ୍ୟାଗ୍ ବ୍ୟବହାର ସମ୍ପୂର୍ଣ୍ଣ ନିରାପଦ। ଘାସରୁ ପ୍ରସ୍ତୁତ ପାତ୍ର ଅଣ୍ଡା ପରିବହନ ପାଇଁ ବ୍ୟବହୃତ ହୋଇପାରିବ। ବାଉଁଶରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ଲାଷ୍ଟିକ୍‌ର ଅତିସୁନ୍ଦର ବିକଳ୍ପ ହୋଇପାରିବ। ବାଉଁଶ ସାମଗ୍ରୀର ବିଭିନ୍ନ ପ୍ରକାର ପାତ୍ର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହେବ। ପ୍ଲାଷ୍ଟିକ୍ ଖଲି ବଦଳରେ ପତ୍ରଖଲି, ପତ୍ରର ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ହୋଇପାରିବ। ପ୍ଲାଷ୍ଟିକ୍ ବଦଳରେ ମାଟିପାତ୍ରର ବ୍ୟବହାର ପରିବେଶ ଅନୁକୂଳ ହୋଇପାରିବ। ଏହା ସମ୍ପୂର୍ଣ୍ଣ ନିରାପଦ ଓ ସ୍ୱାସ୍ଥ୍ୟସାପେକ୍ଷ ମଧ୍ୟ। ଆମକୁ ପୁଣି ସେହି ପୂର୍ବ ପରମ୍ପରାକୁ ମନେପକାଇବାକୁ ପଡ଼ିବ। ପ୍ରକୃତିକୁ ସବୁଜ ସୁନ୍ଦର କରିବାକୁ ହେଲେ ପ୍ରଚୁର ବୃକ୍ଷଲତା, ସବୁଜ ବନାନୀ ସୃଷ୍ଟି କରିବାକୁ ପଡ଼ିବ। ଏଥିରୁ ଉତ୍ପାଦିତ ଦ୍ରବ୍ୟକୁ ବ୍ୟବହାର କରି ପ୍ଲାଷ୍ଟିକମୁକ୍ତ ସାମଗ୍ରୀ ଗଢ଼ିପାରିବା। ଆମେ ପୃଥିବୀକୁ ପ୍ରଦୂଷଣ ସଙ୍କଟରୁ ବଞ୍ଚାଇପାରିବା। ପ୍ଲାଷ୍ଟିକ୍‌ମୁକ୍ତ ପୃଥିବୀ, ସୁସ୍ଥ ପୃଥିବୀ ଏହାର ନିର୍ମାଣ ଆଜିର ଆହ୍ୱାନ।

– **ବିଶ୍ୱନାଥ ସାହୁ,** ପ୍ରଧାନଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଡମଣା, ଭୁବନେଶ୍ୱର
ମୋ: ୯୪୩୭୧୮୫୦୬୪

## ପ୍ଲାଷ୍ଟିକ୍ ବିକଳ୍ପର ଆବଶ୍ୟକତା ରହିଛି



ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଜିନିଷଗୁଡ଼ିକ ଅଦରକାରୀ ହୋଇ ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି ପଡ଼ିରହିଲେ ତାହା ପରିବେଶକୁ ପ୍ରଦୂଷିତ କରେ। ଆମେ ସୁସ୍ଥ ରହିବା ଲାଗି ପ୍ରଦୂଷଣମୁକ୍ତ ପରିବେଶ ନିହାତି ଜରୁରୀ। ବିଶେଷ ଭାବରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଆମ ପାଇଁ କ୍ଷତିକାରକ। ତେଣୁ ଏହାର ବିକଳ୍ପର ଆବଶ୍ୟକତା ରହିଛି। ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ ଆମେ କନା କିମ୍ବା ଝୋଟରୁ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିପାରିବା। ଏବେ ତ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ପଲିଥିନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ତେଣୁ ଏ ନେଇ ଆମେ ସତର୍କ ରହିବା ନିହାତି ଦରକାର।

– **ଜ୍ୟୋତିରଞ୍ଜନ ପାଢ଼ୀ,** କ୍ଲାସ୍-୧୦,
ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ


## ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦିଏ




ଏବେ ଆମର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମଧ୍ୟରେ ପ୍ଲାଷ୍ଟିକ୍ ଅନ୍ୟତମ। ବିଶେଷ ଭାବରେ ଛୋଟ ପିଲାଙ୍କ ପାଇଁ ଖେଳନାଗୁଡ଼ିକ ଏଥିରେ ତିଆରି ହୋଇଥାଏ। କେବଳ ସେତିକି ନୁହେଁ, ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ପାଣି ବୋତଲ ଏବେ ଆମ ଶରୀର ପାଇଁ ହିତକର ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ମୁଁ ସବୁବେଳେ ପ୍ଲାଷ୍ଟିକ୍ ପ୍ରସ୍ତୁତ ଜିନିଷ କମ୍ ବ୍ୟବହାର କରେ। କେବଳ ସେତିକି ନୁହେଁ, ଆମ ଘର ଚାରିପଟେ ଏବଂ ଆଖପାଖରେ ଏଗୁଡ଼ିକ ଗୋଟିଏ ସ୍ଥାନରେ ଜମା ହୋଇ ଯେପରି ଆବର୍ଜନା ସୃଷ୍ଟି ନ କରେ ସେଥିପ୍ରତି ଦୃଷ୍ଟି ଦିଏ। ଏ ନେଇ ଆମେ କେତେଜଣ ସାଙ୍ଗ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ଅପକାରିତା ସମ୍ପର୍କରେ ଜନସଚେତନା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛୁ।

–**ଦୁଃଖିଆ ମୁର୍ମୁ,** କ୍ଲାସ୍-୬, ଆଦର୍ଶ ବିଦ୍ୟାଳୟ, ଢେଙ୍କାନାଳ




୧


୨




୩


୮


୪


୫


୬


୭


୧
ରୋହିତ କୁମାର ସାହୁ
କ୍ଲାସ- ୨, ଶିବାନନ୍ଦ ପବ୍ଲିକ ସ୍କୁଲ, ଅଶୋକ ନଗର, ଭୁବନେଶ୍ୱର


୨
ହୃଦୟାଂଶୁ ଦାଶ
କ୍ଲାସ- ୩, ବ୍ଲେଶ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ


୩
କ୍ରିଷ୍ଣାମୟ ବେହେରା
କ୍ଲାସ- ୩, ଡି ପଲ୍ ସ୍କୁଲ, ବ୍ରହ୍ମପୁର


୪
ଶିବ ପାତ୍ର
କ୍ଲାସ- ୭, ଭଣ୍ଡ ଗାଁ ସରକାରୀ ବିଦ୍ୟାଳୟ, ମୟୂରଭଞ୍ଜ


୫
ସାତ୍ତ୍ୱିକ ରଞ୍ଜନ ପଣ୍ଡା
କ୍ଲାସ-୬, କୋଲାଫେରମ୍ ସ୍କୁଲ, ଅରୁମ୍ବକମ୍, ଚେନ୍ନାଇ


୬
ସନ୍ମୟୀ ସାହୁ
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡ଼ା


୭
ଅତିଭା ପଣ୍ଡା
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର


୮
ସମୀକ୍ଷା ମହାନ୍ତି
କ୍ଲାସ- ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ଲମ୍ବା କେଶ



ଲମ୍ବା କେଶ ପାଇଁ ଅନେକ ଯୁବତୀ ଗିନିଜ୍ ରେକର୍ଡ କରିଥିବା କଥା ଆମେ ପ୍ରାୟ ଶୁଣିଥିବା। କିନ୍ତୁ ଲମ୍ବା କେଶ ପାଇଁ ଜଣେ ଯୁବକ ବି ଏଭଳି ଏକ ରେକର୍ଡ କରିଛନ୍ତି। ଏହି ଯୁବକ ଜଣକ ହେଉଛନ୍ତି ସିଡକଦୀପ୍ ସିଂହ ଚହଲ। ଉତ୍ତରପ୍ରଦେଶ ଗ୍ରେଟର ନୋଏଡାର ୧୫ ବର୍ଷର ଏହି ଯୁବକ ଜଣକ ସବୁଠୁ ଲମ୍ବା କେଶ ରଖି ରେକର୍ଡ କରିଛନ୍ତି। ସିଡକଦୀପ୍ ହେଉଛନ୍ତି ଶିଖ୍ ସମ୍ପ୍ରଦାୟର। ତେଣୁ ତାଙ୍କ ଧର୍ମ ଅନୁସାରେ ସେମାନେ ଆଦୌ କେଶ କାଟି ନ ଥାନ୍ତି। ଆଉ ସବୁବେଳେ ତାଙ୍କ ମାଆ ତାଙ୍କ କେଶ କୁଣ୍ଡାଇ ଖୋସା କରିବା ପରେ ପଗଡ଼ି ବାନ୍ଧି ଲୁଚାଇ ଦେଇଥାନ୍ତି। ତେବେ ପିଲାବେଳରୁ ହିଁ ତାଙ୍କ କେଶ ଖୁବ୍ ଶୀଘ୍ର ଲମ୍ବା ହେଉଥିଲା। ସେଥିପାଇଁ ସେ ବିରକ୍ତ ହୋଇ କେଶ କାଟି ଦେବା ପାଇଁ କହୁଥିଲେ। କିନ୍ତୁ ପରେ ବଡ଼ ହେବା ପରେ ସେ ତାଙ୍କ ଲମ୍ବା କେଶକୁ ଏକ ସ୍ୱତନ୍ତ୍ର ବୋଲି ଭାବିଲେ। ଆଉ ତା'ପରେ ତାଙ୍କ କେଶର ଯତ୍ନ ନେବାକୁ ଇଚ୍ଛା କଲେ। ତାଙ୍କ ମାଆ ହିଁ ତାଙ୍କର କେଶ କୁଣ୍ଡାଇବାଠାରୁ ଆରମ୍ଭ କରି କେଶ ସଫା କରିବା ସବୁ କାମ କରି ଦେଇଥାନ୍ତି। ଏବେ ତାଙ୍କ କେଶର ଲମ୍ବା ୪ ଫୁଟ ୯.୫ ଇଞ୍ଚ ଅର୍ଥାତ୍ ୧୪୬ ସେଣ୍ଟିମିଟର। ମାତ୍ର ୧୫ ବର୍ଷ ବୟସରେ ସିଡକଦୀପ୍‌ଙ୍କର କେଶ ଏତେ ଲମ୍ବା ହୋଇଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିପାରିଛି। ତେବେ ତାଙ୍କର ଏଭଳି ଏକ ସଫଳତାକୁ ହଠାତ୍ କେହି ବିଶ୍ୱାସ କରିପାରୁ ନାହାନ୍ତି।

## ଏଥରର

- ଶଁବାଳୁଆର ପରିବର୍ତ୍ତିତ ରୂପ ?
- ସପ୍ତାଶ୍ଚର୍ଯ୍ୟରେ ସ୍ଥାନିତ 'ଗ୍ରେଟ୍ ପିରାମିଡ୍ ଅଫ୍ ଗିଜା' ସ୍ମାରକୀ କେଉଁଠାରେ ଅବସ୍ଥିତ ?
- 'ହାମ୍‌ଲେଟ୍' ପୁସ୍ତକର ଲେଖକ ?
- ବୁଢ଼ିଆଣୀର କେତୋଟି ଗୋଡ଼ ?
- କୌଣସି ଜିନିଷକୁ ଉପରକୁ ଫିଙ୍ଗିଲେ ତାହା ତଳକୁ ଚାଲିଆସେ କାହିଁକି ?

## ଗତଥରର ଉତ୍ତର

- ସିଂହ
- ମୟୂର
- ପଦ୍ମଫୁଲ
- ଭାରତର ରାଷ୍ଟ୍ରପତି
- ୨୦୬



# କବିତା

## ଗାଁରେ ବସନ୍ତ

ଶୀତ କମିଲା ବସନ୍ତ ହେଲା
ଫୁଟିଲା କେତେ ଫୁଲ
ବହେ ମଳୟ ଆମ୍ବ ବଉଳ
ଲାଗଇ ଭାରି ଭଲ।
ଆସଇ ମାଡ଼ି ଉଷୁମ ଖରା
ବଢ଼ଇ ଭାଇ ତାତି
ଆକାଶେ ଉଏଁ ଜହ୍ନମାମୁ
ସୁନ୍ଦର ଦିଶେ ରାତି।
ନଦୀର ଜଳ ଭାରି ଶୀତଳ
ଗାଉଥାଏ ସେ ଗୀତ
ମନକୁ ଆମ ଚୋରେଇ ନିଏ
ସେ ପରା ଆମ ମିତ।
ଗାଁ ସକାଳ ଭାରି ସୁନ୍ଦର
ବୁଲିବା ଆସ ଥରେ
ଗାଇବା ମିଶି ଗୀତ ସଙ୍ଗୀତ
ଗାଉଁଲି ବସନ୍ତରେ।

**– ଜିତୁ ପ୍ରଧାନ**

ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୭୬୮୧୦୪୪୮୬୪

## ସୃଷ୍ଟିର ଶୋଭା

ବନ ଉପବନ ମହକି ଉଠୁଛି
ଆମ୍ବ ବଉଳର ବାସେ,
ଫଗୁଣ ମେଲିଛି ଫୁଲର ପସରା
ନାନା ରଙ୍ଗେ ଚଉପାଶେ।
କୋକିଳ ଗାଉଛି କୁହୁକୁହୁ ସ୍ୱରେ
ଚୂତଡାଳ ପରେ ବସି,
ନବ ପଲ୍ଲବିତ ବୃକ୍ଷରାଜି ଏବେ
ଆନନ୍ଦେ ଦିଅନ୍ତି ହସି।
ବସନ୍ତ ଆସୁଛି ମରତ ଭୂମିକୁ
ଚାରିଆଡ଼େ ପଡ଼େ ହୁରି,
ଦକ୍ଷିଣ ଦିଗରୁ ମଳୟ ପବନ
ବହିଲାଣି ଥିରିଥିରି।
ବସନ୍ତ ଋତୁଟି ଅତି ମଧୁମୟ
ଷଡ଼ ଋତୁ ମଧ୍ୟେ ସାର,
ଋତୁରାଜ ନାମେ ଜଗତେ ବିଖ୍ୟାତ
ସୃଷ୍ଟିର ଶୋଭା ସମ୍ଭାର।

**ଶ୍ରୀମତୀ ମାଧବୀଲତା ଦେଈ**

ମୋ: ୯୬୯୨୪୮୩୩୭୭

## ଜାଗର

ମହାଶିବରାତ୍ରି ଜାଗର
ଆସ ଯିବା ଶିବ ମନ୍ଦିର
ନେବା କ୍ଷୀର ବେଲ ପତର
ପ୍ରସନ୍ନ ହୋଇବେ ଶଙ୍କର।
ସଂଜରେ ଦିପାଳୀ ଜାଳିବା
ସବୁରି ସୁଖ ମନାସିବା
ଭେଦ ଭାବ ଭୁଲି ଚଳିବା
ପରହିତେ କର୍ମ କରିବା।
ଆଶିଷ ଦେବେ ମହାଦେବ
ଶାନ୍ତିରେ ଜୀବନ ବିତିବ
ସଦା ମିଳିମିଶି ଚଳିବ
ସୁଖ ଦୁଃଖରେ ସାହା ହେବା।
ମାତା ପିତା ସେବା କରିବା
ଗୁରୁଜନ କଥା ମାନିବା
ଦୁଃଖିରଙ୍କୁ ଦାନ ଦେବା
ଅକ୍ଷମଙ୍କୁ ସହାୟ ହେବା।

**– ଡ. ଶରତ କୁମାର ଚଉଁରୀ**

ଟିଚର୍ସ କଲୋନି,ପିପିଲି, ପୁରୀ
ମୋ: ୯୪୩୭୫୫୧୨୦୩

## ପରୀକ୍ଷା ବେଳ

ଆସିଲା ପରୀକ୍ଷା ବେଳ
ପିଲାଏ ହେଲେ ଟଳମଳ
ହରବର ହୋଇ ଯେଉଁ କାମ କଲେ
ପାଇବା ନାହିଁଟି ଫଳ।
ଆସିଲାଣି ଗରମ
ବସନ୍ତ ଉପରେ ଚଢ଼ି
ଖାଦ୍ୟ ପାନୀୟରେ ନଜର ନ ଦେଲେ
ସବୁ ଶ୍ରମ ଯିବ ଶଢ଼ି।
ଠିକ ସମୟରେ ଶୋଇ
ତା'ପରେ ପଢ଼ିବା ବହି



ବ୍ରାହ୍ମ ମୁହୂର୍ତ୍ତରେ ସତେଜ ମନରେ
ମନେ ସବୁ ରହୁଥାଇ।
ମନଟା ରଖିଲେ ସ୍ଥିର
ସମସ୍ୟା ହୋଇବ ଦୂର
ହସଖୁସି ରହି ପ୍ରଶ୍ନକୁ ପଢ଼ିଲେ
ଉତ୍ତର ହେବ ହାଜର।
ଶୁଣିଲେ ବଡ଼ଙ୍କ କଥା
ମୁଣ୍ଡରୁ ହଟିବ ବ୍ୟଥା
ଧୈର୍ଯ୍ୟ ରଖି କାମ କରୁଥିବ ସଦା
ଗରବେ ଟେକିବ ମଥା।

**– ବିଜୟଲକ୍ଷ୍ମୀ ପାଣିଗ୍ରାହୀ**

ଜୟପୁର, କୋରାପୁଟ
ମୋ: ୮୨୪୯୪୫୦୦୫୦

## କହିଲ ଦେଖି



ତିନୋଟି ଅକ୍ଷର ନାମକୁ ନେଇ
ବର୍ଷରେ ଥରୁଟେ ଆସଇ ସେହି
ଶେଷ ଅକ୍ଷରଟି ଯଦି ଛାଡ଼ିବ
ଜାଗ୍ରତ ଅର୍ଥକୁ ବୁଝାଉଥିବ
ଶେଷ ଓ ପ୍ରଥମ ଯଦି ମିଶିବ
ରାଜ୍ୟ ମୁଖିଆଙ୍କୁ ବୁଝାଉଥିବ
ଦ୍ୱିତୀୟ ପ୍ରଥମ ଯଦି ଯୋଡ଼ିବ
ମଞ୍ଜିରୁ ଗଛର ଉତ୍ପତ୍ତି ହେବ
ନାମଟି ମୋହର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ ?

**ଉ– ଜାଗର**



ଏମିତି ଏକ ଦିନଟେ ସିଏ
ରାତ୍ରିର ନାମରେ ନାମିତ ହୁଏ
ବର୍ଷରେ ଥରୁଟେ ଧରାକୁ ଆସେ
ଚନ୍ଦନ କର୍ପୁର ମହକି ବାସେ
ଭୋଳାଶଙ୍କରଙ୍କ ପ୍ରିୟ ସେ ଦିନ
କିଏ ସେ କହିବ ତାହାରି ନାମ ?

**ଉ– ଶିବରାତ୍ରି**



ଏମିତି ଅଟନ୍ତି ଠାକୁର ସିଏ
ହାତରେ ଧରନ୍ତି ତ୍ରିଶୂଳଟିଏ
ସାପକୁ କରନ୍ତି ଗଳାର ହାର
ଅରଖ ଫୁଲଟି ପ୍ରିୟ ତାଙ୍କର
ସେ ପରା ଅଟନ୍ତି ଡମ୍ବରୁଧାରୀ
କିଏ ସେ କହିବ ନାମ ତାଙ୍କରି ?

**ଉ– ଶିବ**



ଜାଗର ଓଷାଟି କରଇ ଯିଏ
ଦେଖିବାକୁ ତାକୁ ବ୍ୟାକୁଳ ହୁଏ
ପୁଣ୍ୟ ଓ ପବିତ୍ର ଓଷାଟି ସିଏ
ଦେଖିଦେଲେ ନେତ୍ର ପବିତ୍ର ହୁଏ
ଦୀପ ମଧ୍ୟେ ସିଏ ଅଟଇ ସାର
ଜାଣିଥିଲେ ନାମ ଦିଅ ଉତ୍ତର ?


**ଉ– ମହାଦୀପ**

**– ପ୍ରଶାନ୍ତ କୁମାର ନାଥ**

ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ସରୁ ନଦୀ

ବିଶ୍ୱ ବିଭିନ୍ନ ପ୍ରକାର ପ୍ରାକୃତିକ ବିବିଧତାରେ ପରିପୂର୍ଣ୍ଣ। ଅନେକ ସ୍ଥାନରେ ନଦୀ, ଝରଣା ଆଦି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଆମେ ଜାଣିଛେ ଯେ ନୀଳ ନଦୀ ହେଉଛି ସବୁଠାରୁ ବଡ ନଦୀ। କେବଳ ସେତିକି ନୁହେଁ, ସବୁଠାରୁ ଚଉଡା ନଦୀ ଭାବରେ ଆମାଜନକୁ ଗଣନା କରାଯାଏ। ହେଲେ ଏହାବ୍ୟତୀତ ସରୁ ନଦୀ ବିଷୟରେ ତୁମେମାନେ ଜାଣିଛ କି ? ହୁଆଲାଇ ନଦୀ ହେଉଛି ବିଶ୍ୱର ସବୁଠାରୁ ସରୁ ନଦୀ। ଚାଇନାର ଉତ୍ତର ଭାଗରେ ଉକ୍ତ ନଦୀ ଦେଖିବାକୁ ମିଳିଥାଏ। ଏହାର ଲମ୍ବ ପ୍ରାୟ ୧୭ କିମି। କେବଳ ସେତିକି ନୁହେଁ, ଚାଇନାର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାପଡେ ଯେ, ବିଶ୍ୱର ସବୁଠାରୁ ସରୁ ନଦୀ ଭାବରେ ପରିଗଣିତ ଏହି ନଦୀ ପ୍ରାୟ ଚାଇନାର ଏକ୍ସପର୍ଟଙ୍କ ମତରେ ୧୦୦୦୦ବର୍ଷ ପୁରୁଣା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ନଦୀର ଚଉଡା। ଏହା କେତେ ଜାଣିଛ ? ମାତ୍ର ୧୫ସେମି। ଏହାର ଗଭୀରତା ୫୦ସେମି।





# ବିନା ସୂର୍ଯ୍ୟର ସହର

ପିଲାଏ, ତୁମେମାନେ ତ ଜାଣିଛ ଯେ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ତାଙ୍କର କିରଣରେ ପୃଥିବୀ ଆଲୋକିତ ହୁଏ। କିନ୍ତୁ ଏଭଳି ଏକ ସହର ରହିଛି ଯେଉଁଠି ଦୀର୍ଘ ଦିନ ଧରି ସୂର୍ଯ୍ୟଙ୍କୁ ଦେଖିହୁଏ ନାହିଁ। ସେଠାରେ ଏହି ସମୟରେ କେବଳ ରାତି ହିଁ ରାତି। ସେଭଳି ଏକ ସହର ହେଉଛି ରୁଷର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ ମୁର୍ମନ୍ସ୍କ। ଏଠାରେ ଦୀର୍ଘ ୪୦ଦିନ ସୂର୍ଯ୍ୟ ଦେଖାଯାଆନ୍ତି ନାହିଁ। ଅର୍ଥାତ୍, ଏହି ସହରରେ ପ୍ରାୟ ୯୪୦ ଘଣ୍ଟା କେବଳ ରାତି କବଳରେ ରହିଥାଏ। ଉକ୍ତ ସମୟ ଭିତରେ ଏଠାରେ ବସବାସ କରୁଥିବା ଲୋକ ସୂର୍ଯ୍ୟ ଉଦୟ ଏବଂ ଅସ୍ତ ଦେଖିପାରନ୍ତି ନାହିଁ। ଏଭଳି ପ୍ରାକୃତିକ ବୈଚିତ୍ର ଦେଖିବାକୁ ଏଠାରେ ପର୍ଯ୍ୟଟକମାନଙ୍କର ସମାଗମ ହୋଇଥାଏ। ବିଶେଷଭାବରେ ଏହି ୪୦ଦିନରେ ସେଠାରେ ବିଭିନ୍ନ ପ୍ରକାର ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ, ଯାହାର ପର୍ଯ୍ୟଟକମାନେ ଭରପୁର ମଜା ନେଇଥାଆନ୍ତି। ମୁର୍ମନ୍ସ୍କ ସହର ଆର୍କଟିକ ସର୍କଲ ଭିତରେ ଅବସ୍ଥିତ ଥିବାରୁ ସେଠାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ। ପ୍ରତିବର୍ଷ ଡିସେମ୍ବର ୨ ତାରିଖରୁ ପରବର୍ତ୍ତୀ ବର୍ଷ ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଦେଖାଯାଇ ନ ଥାନ୍ତି। ଖାସ୍ କଥା ହେଲା, ଏହି ୪୦ ଦିନ ସେଠାରେ ପ୍ରବଳ ଶୀତ ଅନୁଭୂତ ହୁଏ। ଉକ୍ତ ସମୟରେ ରାତିର ତାପମାତ୍ରା ମାଇନସ୍ (-) ୩୦ରୁ ମାଇନସ୍ ୪୦ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ସେଥିଲାଗି ଏଭଳି ଶୀତରୁ ରକ୍ଷା ପାଇବା ଲାଗି ସେଠାକାର ଲୋକ ଶୀତବସ୍ତ୍ର ପିନ୍ଧିଥାଆନ୍ତି।



# ଦାମୀ ସପୁରି

ବିଶେଷ ଭାବରେ ପୂଜାପାର୍ବଣରେ ସପୁରୀ ଚାହିଦା ବେଶୀ। ଏହାର ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସପୁରୀ ସ୍ୱାଦର ବିସ୍କୁଟ ମଧ୍ୟ ବଜାରରେ ଉପଲବ୍ଧ। ଏକଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବେ ଯେ ଗୋଟିଏ ସପୁରୀର ଦାମ୍ ପାଖାପାଖି ଏକ ଲକ୍ଷ ଟଙ୍କା। ଏହି ସପୁରିକୁ ଦ ଲାଷ୍ଟ ଗାର୍ଡେନ୍ସ ଅଫ୍ ହେଲିଗାନ୍‌ରେ ଚାଷ କରାଯାଏ। ଏହି ସପୁରିକୁ ପାଇବାକୁ ହେଲେ ପ୍ରାୟ ୨-୩ବର୍ଷ ଅପେକ୍ଷା କରିବାକୁ ପଡିବ। ଏହାକୁ ମଧ୍ୟ ବଜାରରେ ବିକ୍ରି କରା ହୁଏନି। କିନ୍ତୁ ଅଧିକାଂଶ ହାଇ ପ୍ରୋଫାଇଲ୍ ବ୍ୟକ୍ତି ଏହାକୁ କିଣି ଉପହାର ଭାବରେ ଦେଇଥାଆନ୍ତି। ଯଦି ଏହାକୁ ନିଲାମ କରାଯାଏ ଗୋଟିଏ ସପୁରିର ଦାମ୍ ପ୍ରାୟ ୧୦ଲକ୍ଷ ଟଙ୍କା । ଏହାକୁ ଇଂଲଣ୍ଡର କର୍ନୱାର୍ଲ୍ଡଠାରେ ଚାଷ କରାଯାଏ।

# କିଲର କୁଇନ୍



ଆମେ ବିଭିନ୍ନ ପ୍ରକାର ଚଢ଼େଇ ଦେଖିଥାଉ। ଯେଉଁମାନଙ୍କର ଅଲଗା ଅଲଗା ଗୁଣ ପାଇଁ ବେଶ୍ ପରିଚିତ ହୋଇଥାନ୍ତି। ଏମିତି ଏକ ପକ୍ଷୀ ରହିଛି ଯାହାକୁ 'କିଲର କୁଇନ୍' ବୋଲି କୁହାଯାଏ। ହେଲେ କାହିଁକି ତାକୁ ଏପରି କୁହାଯାଏ, ତା' ପଛରେ ଯଥାର୍ଥାତା ରହିଛି। ଏହି ପକ୍ଷୀଟି ଆଖି ପିଛୁଳାକେ ଶିକାର କରିଥାଏ। ପକ୍ଷୀଟିର ଅସଲ ନାମ ହେଲା ସେକ୍ରେଟାରୀ। ଆଫ୍ରିକା ମହାଦେଶରେ ଏଭଳି ପକ୍ଷୀ ଦେଖିବାକୁ ମିଳିଥାଆନ୍ତି। ଏହି ପକ୍ଷୀଟି କ୍ଷିପ୍ର ବେଗରେ ଶିକାର କରିବା କାରଣରୁ ଏମାନଙ୍କୁ କିଲର କୁଇନ୍ ମଧ୍ୟ କୁହାଯାଇଥାଏ। ଲମ୍ବା ଗୋଡବିଶିଷ୍ଟ ଏହି ପକ୍ଷୀଟି ନିଜ ଗୋଡ ସାହାଯ୍ୟରେ ଶିକାରକୁ ଜୋରରେ ପ୍ରହାର କରିଥାଏ, ପରେ ତାକୁ ଖାଇଦିଏ। ଏମାନେ ବବୁଲ ଗଛରେ ବସାବାନ୍ଧିଥାନ୍ତି। ରାତିରେ ବିଶ୍ରାମ ନେଉଥିବା ବେଳେ ଦିନରେ ଶିକାର କରିଥାନ୍ତି। ଯେତେବେଳେ ଭୋକ ଲାଗେ ସେମାନେ ଖାଦ୍ୟ ଅନ୍ୱେଷଣରେ ବାହାରି ଯାନ୍ତି। ଏମାନଙ୍କ ଉଚ୍ଚତା ୪.୧-୪.୯ଫୁଟ। ଅନ୍ୟପକ୍ଷରେ ଏମାନେ ଡେଣାକୁ ୬.୯ ଫୁଟ ପର୍ଯ୍ୟନ୍ତ ମେଲାଇ ପାରନ୍ତି। ସାଧାରଣତଃ ଏମାନଙ୍କ ଓଜନ ପ୍ରାୟ ୫-୯.୪ପାଉଣ୍ଡ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କ ଗୋଡ଼ରେ ବହୁତ ଶକ୍ତି ଥାଏ। ଯାହା ଦ୍ୱାରା କିଛି ସମୟ ମଧ୍ୟରେ ସାପକୁ ନିଜ ଗୋଡ଼ ସାହାଯ୍ୟରେ ଦଳି ମାରି ଦେଇଥାନ୍ତି । ଏହି ପକ୍ଷୀ ସାଧାରଣତଃ ସାପ ରହୁଥିବା ସ୍ଥାନରେ ଅଧିକ ଦେଖିବାକୁ ମିଳିଥାନ୍ତି।

# ଆ ଇ ନା



**ଅସ୍ମିନ୍ ଜେନା**
୧୦ ବର୍ଷ / ଭୁବନେଶ୍ୱର

**ବୈଷ୍ଣବୀ ମିଶ୍ର**
୬ ବର୍ଷ / ଖୋର୍ଦ୍ଧା

